# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 September – 2025

### News Editor : Satya Narayan Pattanaik

***********************************

## ମୁଖ୍ୟ ସମ୍ବାଦ

- ଭାରତମାତାର ସୁରକ୍ଷାକୁ ଦେଶ ସର୍ବଦା ପ୍ରାଥମିକତା ଦେଇଆସୁଛି; କହିଲେ ପ୍ରଧାନମନ୍ତ୍ରୀ

— ମଧ୍ୟପ୍ରଦେଶର ଧାର୍‌ଠାରେ **ସୁସ୍ଥ ନାରୀ ସଶକ୍ତ ପରିବାର** କାର୍ଯ୍ୟକ୍ରମର କଲେ ଶୁଭାରମ୍ଭ

- ରାଜ୍ୟରେ 'ଏକ ପେଡ୍ ମା' କେ ନାମ୍-୨.୦' ଅଭିଯାନ ଅଧୀନରେ ୭୫ ଲକ୍ଷ ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

- ଶିଳ୍ପାଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ଚାଲିଛି ପୂଜାର୍ଚ୍ଚନା

ଏବଂ

- ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍‌ରେ ଭାରତର ସର୍ବପ୍ରଥମ ଡିଜିଟାଲ ୧୩୨/୩୩ କେ.ଭି ଗ୍ରୀଡ୍ ଲୋକାର୍ପିତ

# ପିଏମ୍-ମଧ୍ୟପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଏବଂ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିଛନ୍ତି । ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଦେଶ ବ୍ୟାପି ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଧାନମନ୍ତ୍ରୀ ସହାୟତା ରାଶି ଆଜି ପ୍ରଦାନ କରିବେ । ପ୍ରାୟ ୧୦ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଡି.ବି.ଟି. ମାଧ୍ୟମରେ ଅର୍ଥ ପଠାଯିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ସଚେତନତା ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ସୁମନଶକ୍ତି ଚାଟ୍‌ବଟ୍‌ର ଶୁଭାରମ୍ଭ ସହ ଆଦି କର୍ମଯୋଗୀ ଅଭିଯାନର ଅଂଶସ୍ୱରୂପ ଶ୍ରୀ ମୋଦୀ ମଧ୍ୟପ୍ରଦେଶ ପାଇଁ ଆଦିସେବା ପର୍ବର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଭାରତମାତାର ସୁରକ୍ଷାକୁ ଦେଶ ସର୍ବଦା ପ୍ରାଥମିକତା ଦେଇ ଆସୁଛି । ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି.

**- V/O -(PM)**

# ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ସେବା, ସୁଶାସନ ଏବଂ ଜନଭାଗୀଦାରିତାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଏବଂ ରାଜ୍ୟରେ ବିକାଶର ଗଙ୍ଗା ପ୍ରବାହିତ ହେଉଛି। ପ୍ରଧାନମନ୍ତ୍ରୀ ସର୍ବଦା ରାଷ୍ଟ୍ର ପ୍ରଥମ ନୀତିରେ ବିଶ୍ୱାସ କରିବା ସହ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ' ମନ୍ତ୍ରରେ କାର୍ଯ୍ୟ କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଗଠନରେ ପୂର୍ବୋଦୟର ବିକାଶକୁ ଗୁରୁତ୍ୱ ଦେବା ସହ ଓଡ଼ିଶାର ଶିକ୍ଷାରୁ ଶିଳ୍ପ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ବିଶ୍ୱରେ ଆଦୃତ ହୋଇପାରିଛି। ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଢ଼େ ୪ କୋଟି ଓଡ଼ିଆଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

**- V/O -(**ଧର୍ମେନ୍ଦ୍ର ପ୍ରଧାନ**)**

## ମା' ପାଇଁ ଗଛଟିଏ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆଜି ରାଜ୍ୟବ୍ୟାପୀ 'ମା' ପାଇଁ ଗଛଟିଏ', 'ଏକ୍ ପେଡ୍ ମା' କେ ନାମ୍' ପ୍ରୟାସର ଅଂଶସ୍ୱରୂପ ୭୫ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏହି ମହତ୍ ଉଦ୍ଦେଶ୍ୟ ନେଇ ସହଭାଗୀ ହୋଇ ସମସ୍ତ ଜିଲ୍ଲାରେ ଚାରା ରୋପଣ ଚାଲିଛି। ସୂଚନା

ଅନୁସାରେ, ମେରୀ ଲାଇଫ୍ ପୋର୍ଟାଲରେ ଆଜି ରାଜ୍ୟରେ ଦିନ ଗୋଟାଏ ସୁଦ୍ଧା ୫୪ ଲକ୍ଷ ୩୦ ହଜାର ୧୫୫ ଚାରା ରୋପଣ କରାଯାଇଛି।

**ମୁଖ୍ୟମନ୍ତ୍ରୀ** ମୋହନ ମାଝୀ ଭୁବନେଶ୍ୱରସ୍ଥିତ ଏକାମ୍ର ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଏକ ପେଡ୍ ମା' କେ ନାମ୍-୨.୦' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ କଲେଜ ପରିସରରେ ବୃକ୍ଷରୋପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ସଦାସର୍ବଦା ସେବା ଓ ସମର୍ପଣ ପାଇଁ ବିଶ୍ୱବିଦିତ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ଯୋଗୁଁ ଭାରତ ଆଜି ବିଶ୍ୱରେ ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଏବଂ ପରିବେଶ ସଚେତନ ଦେଶର ଗୌରବ ହାସଲ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ସହଯୋଗ ଯୋଗୁଁ 'ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣରେ ପୂର୍ବରୁ ୬ କୋଟି ୭୨ ଲକ୍ଷ ଚାରାରୋପଣ କରାଯାଇଛି। ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ସଂସ୍କରଣରେ ରାଜ୍ୟ ସରକାର ସାଢ଼େ ୭ କୋଟି ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲସିଂ ତୋମାର, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ବ୍ୟକ୍ତି ମା'ଙ୍କ ସ୍ମୃତି ଓ ସମ୍ମାନରେ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଚାରାରୋପଣ ପରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହାର

ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି......

**ବଲାଙ୍ଗିର** ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଚନ୍ଦନଭାଟି କଲେଜରେ ଆୟୋଜିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସାଂସଦ ସଙ୍ଗୀତାକୁମାରୀ ସିଂହଦେଓ ଏବଂ ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଭାରତକୁ ଆତ୍ମନିର୍ଭରଶୀଳ କରିବା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ସଂକଳ୍ପ ସାକାର କରିବା ପାଇଁ ପରାମର୍ଶ ଦେଇଥିଲେ।

ଜିଲ୍ଲାରେ ଆଜି ୧ ଲକ୍ଷ ୭୫ ହଜାର ଚାରାରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି। ସେବା ପକ୍ଷ ସମୟସୀମା ମଧ୍ୟରେ ୪ ଲକ୍ଷ ୫୦ ହଜାର ଚାରା ରୋପଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

**ରାୟଗଡ଼ା** ଜିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଜି ଜିଲ୍ଲାରେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି।

**ନୂଆପଡ଼ା** ଜିଲ୍ଲାରେ ଏକାଧିକ ସ୍ଥାନରେ ଆଜି ୭୫ ହଜାର ଚାରାରୋପଣ କରାଯାଇଛି। ବିଶେଷକରି ଜିଲ୍ଲାସ୍ତରୀୟ, ବ୍ଲକ୍‌ସ୍ତରୀୟ, ପଞ୍ଚାୟତସ୍ତରୀୟ ଏବଂ ବ୍ୟକ୍ତିଗତ ସ୍ତରରେ 'ମା'ଙ୍କ ନାମରେ ଗଛଟିଏ' ଅଭିଯାନରେ ଜନସାଧାରଣ ଚାରାରୋପଣ କରିଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାର ଶତାଧିକ ସ୍ଥାନରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି । ଜିଲ୍ଲାର ୪ଟି ବନାଞ୍ଚଳର ବନସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀଙ୍କର ମିଳିତ ସହଯୋଗରେ ଚାରାରୋପଣ କରାଯାଉଛି । ଏହାସହିତ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଓ ସଚେତନତା ରାଲି କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମା' ପାଇଁ ଗଛଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ **ସମ୍ବଲପୁର** ସୈନିକ ସ୍କୁଲ ପରିସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଚାରାରୋପଣ କରିଛନ୍ତି । ଜିଲ୍ଲାରେ ଆସନ୍ତା ଅକ୍ଟୋବର ୨ ତାରିଖ ସୁଦ୍ଧା ସାଢ଼େ ୪ ଲକ୍ଷ ଚାରାରୋପଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ବନ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି,

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

ଏଥିସହିତ ସମ୍ବଲପୁର ମଝିପାଲ୍ଲୀରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାମିଲ ହୋଇଥିଲେ । ସେଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟମେଳାରେ ଟିବି ନିକ୍ଷୟ ପୋଷଣ

ଯୋଜନାର କିଟ୍ ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବା ସହ ପୋଷଣ ଯୋଜନାରେ କିଟ୍ ବଣ୍ଟନ କରାଯାଇଥିଲା।

# ବିଶ୍ୱକର୍ମା ପୂଜା

କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ଆବିର୍ଭାବ ହୋଇଥିବାରୁ ଆଜି ଭକ୍ତି ଓ ନିଷ୍ଠାର ସହ ଶ୍ରୀବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରାଯାଉଛି । ବିଶ୍ୱକର୍ମାଙ୍କୁ ନିର୍ମାଣ ଏବଂ ସୃଜନର ଦେବତା ଭାବେ ପୂଜା କରାଯାଇଥାଏ। ଧାର୍ମିକ ତଥ୍ୟ ଆଧାରରୁ ଜଣାଯାଏ ଯେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ୍ ବିଶ୍ୱ ଭୂବନ ନିର୍ମାଣ କରିଥିଲେ । ଦେବତାମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସ୍ୱର୍ଗର ଅମରାବତୀ ଶ୍ରୀ ବିଶ୍ୱକର୍ମାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ଶ୍ରୀବିଶ୍ୱକର୍ମାଙ୍କ ଶ୍ରେଷ୍ଠ ନିର୍ମାଣର ନିଦର୍ଶନ ବୋଲି ପୁରଣଶାସ୍ତ୍ରରେ କୁହାଯାଇଛି । ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

**ସୁବର୍ଣ୍ଣପୁର** ଜିଲ୍ଲାର ଶିଳ୍ପାନୁଷ୍ଠାନଗୁଡ଼ିକରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ମଣ୍ଡପରେ ସ୍ଥାପନ କରାଯାଇ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଛି।

**ନବରଙ୍ଗପୁର** ଜିଲ୍ଲାର ବିଭିନ୍ନ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି । **ନୟାଗଡ଼** ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନରେ ପ୍ରଭୁ ବିଶ୍ୱକର୍ମାଙ୍କର ମୃଣ୍ମୟ ମୂର୍ତ୍ତି ମଣ୍ଡପଗୁଡ଼ିକରେ ଶୋଭା ପାଉଛି ।

## ଡିଜିଟାଲ ଗ୍ରୀଡ

**ବଲାଙ୍ଗିର** ଜିଲ୍ଲା ଆଗଲପୁର ବ୍ଲକ୍‌ସ୍ଥିତ ରାମପୁର ଓ ପିଡିସିଲ ଦ୍ୱାରା ୩୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭାରତର ସର୍ବପ୍ରଥମ ଡିଜିଟାଲ ୧୩୨/୩୩ କେ.ଭି. ଗ୍ରୀଡକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଗ୍ରୀଡ୍ ବ୍ଲକ ଅଂଚଳର ୧୮ଟି ପଞ୍ଚାୟତର ୧୦୭ଟି ଗ୍ରାମକୁ  ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବ । ଏହି ଅବସରରେ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ, ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଏସ୍‌ଟି ସଂସ୍କାର

ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନାଗରିକଙ୍କ ଜୀବନକୁ ସରଳ ଏବଂ ସହଜ କରିବା ଲକ୍ଷ୍ୟ ନେଇ ଅନେକ କ୍ଷେତ୍ରରେ ଟିକସ ହାର ହ୍ରାସ ପାଇଁ ନିଷ୍ପତ୍ତି ହୋଇଛି । କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଲୁହା, ଇସ୍ପାତ ଓ କାଠରେ ତିଆରି ରୋଷେଇ ସାମଗ୍ରୀ, ଟେବୁଲ୍ ଏବଂ ଶୌଚାଳୟ ଉପଯୋଗୀ ବିଭିନ୍ନ ସାମଗ୍ରୀ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ପରବର୍ତ୍ତୀ ପିଢ଼ି ସଂସ୍କାର ଅଧୀନରେ ଗ୍ରହଣ କରାଯାଇଥିବା ଏଭଳି ନିଷ୍ପତ୍ତି ସାଧାରଣ ଲୋକଙ୍କୁ ଉତ୍ସାହିତ କରିଛି । ଏହି ନୂତନ ଟିକସ ହାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।